# ସମସ୍ୟା ସମାଧାନ ନ କରି ଜିଲାପାଳଙ୍କୁ ରିପୋର୍ଟ

- ବେହେରାଗୁଡ଼ାରେ ପାନୀୟ ଜଳ ସଙ୍କଟ
- ଜିଲାପାଳଙ୍କ ନିର୍ଦ୍ଦେଶକୁ ମାନୁନି ଆରଡବ୍ଲ୍ୟୁଏସ୍ଏସ୍: ଗ୍ରାମବାସୀ
- ପଦକ୍ଷେପ ନ ନେଲେ ଆଇନର ଆଶ୍ରୟ ନେବାକୁ ଚେତାବନୀ

**ରାୟଗଡା,୨।୧୨ (ଭାଗ୍ୟଶ୍ରୀ ମିଶ୍ର)**

ରାୟଗଡା ବ୍ଲକ ପିତାମହଲ ପଞ୍ଚାୟତ ଅନ୍ତର୍ଗତ ବେହେରାଗୁଡା ଗ୍ରାମରେ ଗତ ୨ ବର୍ଷ ହେଲା ପାନୀୟ ଜଳ ସଙ୍କଟ ଦେଖାଦେଇଛି। ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭିନ୍ନ ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିଲାନି। ବାଧ୍ୟ ହୋଇ ଦୁଇ ଦୁଇ ଥର ଜିଲାପାଳଙ୍କୁ ଅଭିଯୋଗ କରିଛୁ। ଏଥର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଗଲେ ବାଧ୍ୟ ହୋଇ ଆଇନର ଆଶ୍ରୟ ନେବୁ ବୋଲି ବେହେରାଗୁଡା ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ଗ୍ରାମରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ୭।୧୦।୨୦୨୪ରେ ରାୟଗଡାଠାରେ ହୋଇଥିବା ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଅବଗତ କରିଥିଲୁ। ୪୦ ଦିନ ଭିତରେ ଉକ୍ତ ସମସ୍ୟା ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଭାଗୀୟ ଅଧିକାରୀମାନେ ଗ୍ରାମକୁ ନ ଯାଇ ସମସ୍ୟା ସମାଧାନ ନ କରି ୯।୧୦।୨୪ ରେ ଜିଲାପାଳଙ୍କୁ ଏକ ରିପୋର୍ଟ ପ୍ରଦାନ କରିଥିବା ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ପ୍ରଶାସନର ନିର୍ଦ୍ଦେଶ ସତ୍ତ୍ୱେ କାହିଁକି କାମ କରାଯାଇ ନାହିଁ ବୋଲି ଜିଲାପାଳ ପାରୁଲ ପଟୱାରୀ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀଙ୍କୁ ପ୍ରଶ୍ନ କରିବା ସହ ତୁରନ୍ତ କାମ ସାରିବାକୁ ତାଗିଦ୍ କରିଛନ୍ତି । ଅନ୍ୟପଟେ ଦ୍ୱିତୀୟ ଥର ଜିଲା ପ୍ରଶାସନକୁ ଜଣାଇଛୁ, ଏଥର କାମ ନ ହେଲେ ଆଗାମୀ ଦିନରେ ଲୋକ ଅଦାଲତର ଆଶ୍ରୟ ନେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବେହେରାଗୁଡା ଗ୍ରାମରେ ପ୍ରାୟ ୧୧୫ ଘରର ୧୫୦୦ରୁ ଉର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ଗ୍ରାମରେ ୮ଟି ନଳକୂପ ଏବଂ ଗୋଟିଏ ସୋଲାର ୟୁନିଟ ଅଛି । ସେଥିରୁ ୫ଟି ନଳକୂପ ଅଚଳ ହୋଇପଡ଼ିଥିବାରୁ ୩ ନଳକୂପ ଉପରେ ୧୫୦୦ ଲୋକ ଚଳିବା କଷ୍ଟକର ହୋଇପଡୁଛି। ତେଣୁ ଗ୍ରାମବାସୀ ବାଧ୍ୟ ହୋଇ ଗ୍ରାମ ନିକଟରେ ଥିବା ନଦୀରେ ଗାଧୁଆ, ଶୌଚ ସହ ପାନୀୟ ଜଳ ପାଇଁ ବ୍ୟବହାର କରୁଛନ୍ତି। ଦୂଷିତ ପାଣି ପିଇ ଲୋକେ ଅନେକ ସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ କହିଛନ୍ତି । ଏଥର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ ଲୋକ ଅଦାଲତର ଆଶ୍ରୟ ନେବୁ ବୋଲି ଗୋବିନ୍ଦ ଉଲାକା, ବସନ୍ତ ସାମଲ, ନରେଶ ଉଲାକା, ବାବୁଲା ଗାଣ୍ଡା, ନରେଶ ବିଡ଼ିକା ମୁଗୁରି , ବବିତା ଯାକକା, ବାନ ଉଲାକା, ଗୀତାଞ୍ଜଳି ମାଣ୍ଡାଙ୍ଗୀ ପ୍ରମୁଖ କହିଛନ୍ତି। ଗତଥର ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଥିବା ଗ୍ରାମବାସୀଙ୍କ ଅଭିଯୋଗ ବିଷୟରେ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଅଧିକାରୀ ଗୋପାଳ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ମୁଁ ଏ ବିଷୟରେ ଜାଣିନି, ଯାହା ସମସ୍ୟା ଅଛି ତୁରନ୍ତ ସମାଧାନ କରାଯିବ ବୋଲି କହିଛନ୍ତି ।


ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରୁଛନ୍ତି।

# ୮୨ ଅଭିଯୋଗ ଶୁଣାଣି, ୧୨ ଜଣଙ୍କୁ ସହାୟତା

**ରାୟଗଡ଼ା,୨।୧୨(ଆଶିଷ ରଞ୍ଜନ ପଣ୍ଡା)**

ଜିଲା ପ୍ରଶାସନ ତରଫରୁ ସୋମବାର ସଦର ମହକୁମାସ୍ଥିତ ସଦ୍ଭାବନା ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲାପାଳ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ୮୨ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫୯ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୧୧ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ରହିଥିଲା। ଏହି ପରିପ୍ରେକ୍ଷୀରେ ଜିଲାପାଳ ୧୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିରେ ଏସ୍‌ପି ଏସ୍. ସ୍ୱାଥୀ କୁମାର, ଡିଏଫଓ ସଚିନ ଆନ୍ନା ସାହେବ ଓହୋଲ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଜିଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଜିଲାପାଳ ଅଭିଯୋଗଗୁଡ଼ିକୁ ପାଇବା ପରେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ୯ ମାସ ହେବ ଦରମା ପାଇନାହାନ୍ତି ଆଉଟ୍‌ସୋର୍ସିଂ କର୍ମଚାରୀ


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଆଉଟ୍‌ସୋର୍ସିଂ କର୍ମଚାରୀ।

**ରାୟଗଡ଼ା,୨।୧୨(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାର ବିଭିନ୍ନ ସରକାରୀ ଅଫିସରେ ନିୟୋଜିତ ଆଉଟ୍‌ସୋର୍ସିଂ କର୍ମଚାରୀ ଗତ ୯ ମାସ ହେବ ଦରମା ପାଇ ନ ଥିବା ଅଭିଯୋଗ ହୋଇଛି। ମୁଖ୍ୟତଃ ପଞ୍ଚାୟତିରାଜ ବିଭାଗ ଅଧୀନରେ ଅଧିକାଂଶ ଆଉଟ୍‌ସୋର୍ସିଂ କର୍ମଚାରୀ ନିୟୋଜିତ ଥିବାବେଳେ ଦରମା ମିଳୁ ନ ଥିବାରୁ ଜିଲା ପରିଷଦ କାର୍ଯ୍ୟାଳୟରେ ଜଣାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ପୁରୁଣା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜକଙ୍କୁ ଅନେକଥର ଅନୁରୋଧ କରାଯାଇଛି। ଆଉ ବର୍ତ୍ତମାନ ଦାୟିତ୍ୱରେ ଥିବା ସଂଯୋଜକଙ୍କୁ କହିଲେ ମୁଁ ନୂଆରେ ଆସିଛି କହି କଥାକୁ ଟାଳି ଦେବା ସହ ମୁଁ ସମ୍ପୂର୍ଣ୍ଣ ଦାୟିତ୍ୱ ନେଇନାହିଁ ବୋଲି ଉତ୍ତର ଦେଉଥିବା କହିଛନ୍ତି କର୍ମଚାରୀ। ଏମିତି ତ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଛୁ। ଆଉ ତା' ଭିତରେ ଦରମା ନ ପାଇ ଆର୍ଥିକ ସମସ୍ୟା ଭିତର ଆମେ ଗତି କରୁଛୁ ବୋଲି ସେମାନେ ପ୍ରକାଶ କରିଛନ୍ତି। ୯ ମାସ ହେବ ଦରମା ନ ପାଇ ପ୍ରତିଦିନ ଆବଶ୍ୟକ ପୂରଣ ପାଇଁ ବାକି କରୁଅଛୁ। ବାକି ପରିମାଣ ମଧ୍ୟ ବଢ଼ିବାରେ ଲାଗିଛି। ତେଣୁ ସମସ୍ତ ବକେୟା ଦରମା ପ୍ରଦାନ କରିବା ପାଇଁ ସେମାନେ ଜିଲାପାଳଙ୍କ ନିକଟରେ ଲିଖିତ ଦାବି କରିଛନ୍ତି। ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଦାବି କରିବା ପରେ ସମସ୍ୟାର ସମାଧାନ କରିବା ପାଇଁ ଜିଲାପାଳ ପାରୁଲ ପଟୱାରି ନିର୍ଦ୍ଦେଶ ଦେଇଥିଲେ।

# ପ୍ରାଚୀର ପତ୍ରିକା 'ଶ୍ୱେତପଦ୍ମ' ଉନ୍ମୋଚିତ


ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିଥି ଏବଂ ଉପସ୍ଥିତ ଛାତ୍ରୀଛାତ୍ର।

**ଜେକେପୁର,୨।୧୨ (ରାଜେଶ ବିଶ୍ୱାଳ)**

ରାଜ୍ୟ ତଥା ବାହାରେ ଆଦୃତ ହୋଇଥିବା ପ୍ରାଚୀର ପତ୍ରିକା 'ଶ୍ୱେତପଦ୍ମ' ସୋମବାର ରାୟଗଡ଼ା ବ୍ଲକର କୁମୁଟିପେଣ୍ଟସ୍ଥିତ ଶ୍ରୀ ଉଗ୍ରତାରା ଉଚ୍ଚ ବିଦ୍ୟାଳୟରେ ଉନ୍ମୋଚିତ ହୋଇଛି। ଏହି ଅବସରରେ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୨୦୨୩ ଏପ୍ରିଲରୁ ଉକ୍ତ ପ୍ରାଚୀର ପତ୍ରିକା ଉନ୍ମୋଚନ ହୋଇ ବିଶେଷ ଆଦୃତ ହୋଇଥିବାବେଳେ ଏହି ପତ୍ରିକାରେ ଛାତ୍ରୀଛାତ୍ରଙ୍କ ପାଇଁ ବହୁ ଶିକ୍ଷଣୀୟ ତଥ୍ୟ ଥିବା ସାହିତ୍ୟିକ ଭବାନୀ ଶଙ୍କର ଦାସ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦ୍ୱିତୀ ଚନ୍ଦ୍ର ସାହୁ ଏବଂ ମୁଖ୍ୟବକ୍ତା ରୂପେ କୋଲନରା ବିଇଓ ମଞ୍ଜୁଲତା ଜେନା ଯୋଗଦେଇଥିଲେ। ମଞ୍ଚ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ ଶିକ୍ଷୟିତ୍ରୀ କଳ୍ପନା କର। ପତ୍ରିକା ଉନ୍ମୋଚନ ଉତ୍ସବରେ ପାଖାପାଖି ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ରହି ମାତୃଭାଷାର ଉନ୍ନତି ପାଇଁ ସମସ୍ତେ ଉଦ୍ୟମ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ସାହିତ୍ୟିକ ଭବାନୀଶଙ୍କର ସ୍କୁଲର ପ୍ରଧାନ ଶିକ୍ଷକ ଏମ୍ ବାଲମୁରଲୀ କୃଷ୍ଣାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ପତ୍ରିକା ଭବିଷ୍ୟତରେ ନିଶ୍ଚିତ ରୂପେ ଉତ୍କଳ ଭାଷା ସାହିତ୍ୟର ସ୍ତର ବୃଦ୍ଧି କରିପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

# ଜିଲାପାଳଙ୍କୁ ଅଭିଯୋଗକଲେ ଜିଲା କଂଗ୍ରେସ ସଭାପତି

**ଜିଲା ପରିଷଦ 'ଖ' ଜୋନ୍‌ରେ ପାନୀୟଜଳ, ରାସ୍ତା ସମସ୍ୟା**

**ରାୟଗଡ଼ା,୨।୧୨(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସଦର ବ୍ଲକ୍ ଅଧୀନ 'ଖ' ଜୋନ୍‌ର ୮ଟି ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ରହିଥିବା ସହ ଉକ୍ତ ଅଞ୍ଚଳକୁ ଯାଇଥିବା ପକ୍କାରାସ୍ତା ମଧ୍ୟ ଶୋଚନୀୟ ରହିଛି। ନେଇ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଛନ୍ତି ଜିଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରା । ଅଭିଯୋଗ ପାଇବା ପରେ ଏହାର ତଦନ୍ତ କରି ଖୁବ୍‌ଶୀଘ୍ର ସମସ୍ତ ସୁବିଧା କରାଯିବ ବୋଲି ଜିଲାପାଳ ପାରୁଲ ପଟୱାରି ପ୍ରତିଶ୍ରୁତି ଦେଇଛନ୍ତି।

ଘଟଣାରୁ ପ୍ରକାଶ, ଜିଲା ପରିଷଦ 'ଖ' ଜୋନ୍ ଅଧୀନରେ ଥିବା ୮ ପଞ୍ଚାୟତ ଯଥା ବାଇସିଂ, କାରୁବାଇ, ପିପଲଗୁଡ଼ା, ଡାଙ୍ଗଲୋଡ଼ି, ମିରାବାଲି, ଦୁର୍ଗାପାଡୁ, ବି.ହାଲୁଆ ଓ ବଡ଼ଆଲୁବାଡ଼ି ରହିଛି । ବାଇସିଂ ପଞ୍ଚାୟତ ଅର୍ନ୍ତଗତ ଡେଙ୍ଗାଯୋଡ଼ି ଛକଠାରୁ ପିପଲଗୁଡ଼ା ପଞ୍ଚାୟତ ଅର୍ନ୍ତଗତ ଜାଙ୍ଗିଲି ଗ୍ରାମ ପୂର୍ତ୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ଏବଂ ଡେଙ୍ଗାଯୋଡ଼ି ଛକଠାରୁ ଭାଲୁମତି ଗ୍ରାମ ଦେଇ ପିପଲଗୁଡ଼ା ଛକ ପର୍ଯ୍ୟନ୍ତ ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ରହିଛି । ଫଳରେ ଉକ୍ତ ୮ ପଞ୍ଚାୟତବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳିକି ରାସ୍ତା ଖରାପ ରହିଥିବା ଯୋଗୁ ଜନସାଧାରଣ ଯାତାୟାତ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି । ସେହିଭଳି ମେଗା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇ ନ ଥିବାରୁ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଲାଗି ରହୁଛି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଜିଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରା ଦାବି କରିଛନ୍ତି ।


ଶୋଚନୀୟ ହୋଇପଡ଼ିଥିବା ପିଚୁରାସ୍ତା।

# ପିଏମ୍ ଆବାସ ଯୋଜନା ପାଇଁ ସର୍ଭେ


କାର୍ଯ୍ୟକ୍ରମରେ ଉପସ୍ଥିତ ସରପଞ୍ଚଙ୍କ ସହ ଅନ୍ୟମାନେ ।

**ଚନ୍ଦ୍ରପୁର,୨।୧୨ (ବିଜୟ ପ୍ରସାଦ ଉଲାକା)**

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା ସଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ନୂତନ ସର୍ଭେ ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅନୀତା ଶବର, ସମ୍ମାନିତ ଅତିଥି ଭାବେ ପିଇଓ ରାଜେନ୍ଦ୍ର କୁମାର ପାଳ, ଜିଆରଏସ ଉମାକାନ୍ତ ନିମାଳପୁରୀ ଯୋଗଦେଇ ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରହିଥିବା ସୁବିଧା, ସୁଯୋଗ, ସରକାରଙ୍କ ନୂତନ ନିୟମ ଅନୁଯାୟୀ କେଉଁ ହିତାଧିକାରୀମାନେ ପାଇବେ, କେଉଁମାନେ ବଞ୍ଚିତ ହେବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଏକ ପ୍ରଚାର ପତ୍ର ଉପସ୍ଥିତ ଜନସାଧାରଣଙ୍କ ଅବଗତି ନିମନ୍ତେ ବଣ୍ଟନ କରାଯାଇଥିଲା। ଅନ୍ୟପକ୍ଷେ କାର୍ଯ୍ୟକ୍ରମ ସମ୍ପର୍କରେ ବହୁ ହିତାଧିକାରୀ ତଥା ୱାର୍ଡ ସଭ୍ୟଙ୍କୁ ସୂଚନା ଦିଆଯାଇ ନ ଥିଲା ବୋଲି ଡାଙ୍ଗସୋରଡ଼ା ୱାର୍ଡ ସଭ୍ୟା ସୁଲୋଚନା ପାତ୍ର ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ କାହିଁକି ସୂଚନା ଦିଆଯାଉନାହିଁ ବୋଲି ବହୁ ହିତାଧିକାରୀ ପ୍ରଶ୍ନ କରିବା ସହ ପାଟିତୁଣ୍ଡ କରି ଫେରିଯାଇଥିଲେ। ଏ ସମ୍ପର୍କରେ ସରପଞ୍ଚ ଅନିତା ଶବରଙ୍କୁ ପଚାରିବାରୁ ଆମେ ଫୋନ ଯୋଗେ ସୂଚନା ପ୍ରଦାନ କରିଛୁ ବୋଲି କହିଥିଲେ। ଅଧିକାଂଶ ସଭ୍ୟଙ୍କ ଫୋନ ନ ଥିବା ଯୋଗୁ ସେମାନେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ୨୫ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଗୁଣପୁର ଶୌଣ୍ଡିକ ସଂଘ ବୈଠକ



**ଗୁଣପୁର, ୨।୧୨(ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁର ସହରାଞ୍ଚଳ ଶୌଣ୍ଡିକ ସେବା ସଂଘ ପକ୍ଷରୁ ଏକ ସାଧାରଣ ବୈଠକ ରବିବାର ସ୍ଥାନୀୟ ତିରୁପତି ମନ୍ଦିର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସଭାପତି ନରେନ୍ଦ୍ର ସାହୁ, ଉପ ସଭାପତି ରାଜେନ୍ଦ୍ର ସାହୁକାର, ଜଗନ୍ନାଥ ଚୌଧୁରୀ ଏବଂ ଦିଲୀପ କୁମାର ଚୌଧୁରୀ ମଞ୍ଚାସୀନ ଥିଲେ। ବୈଠକରେ ସଂଘର ଆଭିମୁଖ୍ୟ, ସଂଘକୁ ସୁଦୃଢ଼ କରିବା, ସଦସ୍ୟମାନଙ୍କ ସୁବିଧା ଅସୁବିଧାରେ ଯୋଗଦେବା, ନୂତନ ସଦସ୍ୟଙ୍କୁ ସଂଘରେ ଯୋଡ଼ିବା, ରକ୍ତଦାନ ଶିବିର ଅନୁଷ୍ଠିତ କରିବା, ଚାରାରୋପଣ ଓ ସଂଘ ପକ୍ଷରୁ ମେଡିକାଲ କ୍ୟାମ୍ପ ଆୟୋଜନ କରିବା ପାଇଁ ଆଲୋଚନା ହୋଇଥିଲା। ଖୁବ୍‌ଶୀଘ୍ର ସହରାଞ୍ଚଳ ଶୌଣ୍ଡିକ ସଂଘ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । କାର୍ଯ୍ୟକ୍ରମ ସଂଘର ଲୋକ ସମ୍ପର୍କ ଅଧିକାରୀ ଦିଲୀପ କୁମାର ଚୌଧୁରୀ ପରିଚାଳନା କରିଥିଲେ।

# ନିର୍ବାଚନରେ ଗାଡ଼ି ଲଗାଇ ପାଇନାହାନ୍ତି ଭଡ଼ା

**ଜିଲାପାଳଙ୍କୁ ଭେଟିଲା ଡ୍ରାଇଭର ମହାସଂଘ**

**ରାୟଗଡ଼ା,୨।୧୨(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାରେ ମେ ୧୩ ତାରିଖରେ ଅନୁଷ୍ଠିତ ହୋଇଥିଲା ସାଧାରଣ ନିର୍ବାଚନ। ସେହି ସମୟରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଗାଡ଼ିଗୁଡ଼ିକୁ ଏଯାବତ ଭଡ଼ା ବାବଦର ଟଙ୍କା ମିଳି ନ ଥିବା ଅଭିଯୋଗ ହୋଇଛି । ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଡ୍ରାଇଭର ମହାସଂଘ ସଭାପତି ଓ ଅନ୍ୟମାନେ । ଅଭିଯୋଗ ପାଇବା ପରେ ଜିଲାପାଳ ପାରୁଲ ପଟୱାରି ଏ ନେଇ ସମୀକ୍ଷାକରି ଶୀଘ୍ର ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ୩ ଦିନ ଧରି ୪ ଓ ୬ ଚକିଆ ଗାଡ଼ି ନିୟୋଜିତ ହୋଇଥିବା ବେଳେ ସେ ବାବଦର ଲକ୍ଷାଧିକ ଭଡ଼ା ଟଙ୍କା ବକେୟା ପଡ଼ିଛି। ଭଡ଼ା ବାବଦର ଟଙ୍କା ପ୍ରଦାନ ପାଇଁ ବାରମ୍ବାର ନିବେଦନ କଲେ ମଧ୍ୟ ଜିଲା ପ୍ରଶାସନ କର୍ଣ୍ଣପାତ କରୁ ନ ଥିବା ଗାଡ଼ି ମାଲିକ ଓ ଚାଳକମାନେ ଅଭିଯୋଗ କରିଛନ୍ତି। ତେବେ ଡ୍ରାଇଭର ମହାସଂଘ ସଭାପତି ନାୟକ କହିଛନ୍ତି, ପରିବହନ କାର୍ଯ୍ୟାଳୟକୁ ଯାଇ ବାରମ୍ବାର ନିବେଦନ କରିବା ସତ୍ତ୍ୱେ ଭଡ଼ା ଟଙ୍କା ପ୍ରଦାନ ହେଉନାହିଁ। ଫଳରେ ଗାଡ଼ି ମାଲିକମାନେ ନାନା ସମସ୍ୟା ଭୋଗୁଛନ୍ତି। କେଉଁ କାରଣରୁ ପ୍ରଶାସନ ୭ ମାସ ହେବ ଦିନ ଗଡ଼ାଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏଥି ପୂର୍ବରୁ ଗତ ପଞ୍ଚାୟତ ନିର୍ବାଚନ ସମୟରେ ମଧ୍ୟ ସେହି ସମାନ ସ୍ଥିତି ସୃଷ୍ଟି ହୋଇଥିଲା ବୋଲି ସୂଚନା ଦେଇଛନ୍ତି।


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗାଡି ମାଲିକ ।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଗୁଣପୁର,୨।୧୨(ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁର ବଂଶଧାରା ବ୍ରିଜ ଉପରେ ସଡ଼କ ଦୁର୍ଘଟଣାରେ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିକ୍ରମପୁର ଦଣ୍ଡାସି ସାହିର ଇଟିଲି ରାଜା । ସେ ତାଙ୍କ ସ୍ତ୍ରୀ ଇଟିଲି ସବିତାଙ୍କ ସହ ବାଇକ୍ ଯୋଗେ ଯାଉଥିବାବେଳେ କୌଣସି ଏକ ଗାଡ଼ି ସହ ଧକ୍କା ହେବାରୁ ରାଜା ଗୁରୁତର ଆହତ ହୋଇ ଗୁଣପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପାରଳାଖେମୁଣ୍ଡି ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଛି। ଅପରପକ୍ଷେ ମୃତକଙ୍କ ସ୍ତ୍ରୀ ସବିତାଙ୍କ ଗୋଡ଼ ଭାଙ୍ଗି ଯାଇଥିବାରୁ ସେ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

# ଚଇତି ପାଳନ ନେଇ ପ୍ରସ୍ତୁତି ବୈଠକ

**ମୁନିଗୁଡ଼ା,୨।୧୨ (ନନ୍ଦକିଶୋର ପଟ୍ଟନାୟକ)**

ମୁନିଗୁଡ଼ା ବ୍ଲକସ୍ତରୀୟ ଲୋକ ଉତ୍ସବ ଚଇତି ପାଳନ ନିମନ୍ତେ ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ଅଧ୍ୟକ୍ଷତା ଓ ସହକାରୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓଙ୍କ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଦୁଃଖିନୀ ନୁନ୍ଦୁକା, ତହସିଲଦାର ଏମ୍. ଅନୁରାଧା, ଆଇଆଇସି ସୌଦାମିନୀ ବେହେରା, ମେଡିକାଲ ଅଫିସର ଆଶିଷ ପଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ଏମ୍‌ପି ପ୍ରତିନିଧି ରଜନୀ ପଡାଲ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମୁନିଗୁଡ଼ା କଲେଜ ଖେଳ ପଡ଼ିଆରେ ୨ଦିନିଆ ଚଇତି ପର୍ବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ମୁନିଗୁଡ଼ା କ ଓ ଖ ଜୋନ୍‌ରେ ବିଭିନ୍ନ ଆଥ୍‌ଲେଟ ଓ କ୍ରୀଡ଼ା ଅନୁଷ୍ଠିତ ହେବ। ଚଇତି ଦିନ ସକାଳୁ ମଶାଲ ଶୋଭାଯାତ୍ରା କରାଯିବ ଏବଂ ବିଭିନ୍ନ ପଞ୍ଚାୟତରୁ ଚୟନ ହୋଇଥିବା ସାଂସ୍କୃତିକ ଦଳ ଚଇତି ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ସାଂସ୍କୃତିକ ଦଳ ଚୟନ ଲାଗି ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବ୍ଲକ୍‌ର ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ତରଫରୁ ଷ୍ଟଲ୍ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ସ୍ୱାଗତ କମିଟି, ପ୍ରସାରପ୍ରଚାର, ସାଂସ୍କୃତିକ, ଅଭ୍ୟର୍ଥନା କମିଟି ଗଠନ କରାଯାଇଛି । ବୈଠକରେ ବ୍ଲକ୍‌ର ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀଙ୍କ ସହ ପିଇଓ ମନୋରଞ୍ଜନ ବେହେରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ଓଏଲ୍‌ଏମ୍ ବିପିଏମ୍ କ୍ଷୀରୋଦ ଭୂଇଁଆ,ରେଞ୍ଜର ଅନିଲ କୁମାର ବାଲା, ସିଡିପିଓ ଡାଲିମ୍ବ ନାୟକ,ଏମ୍‌ଆଇ ଆଶିଷ କୁମାର ସାହୁ, ପ୍ରେସ୍ କ୍ଲବ୍‌ର ସମ୍ପାଦକ ନନ୍ଦକିଶୋର ପଟ୍ଟନାୟକ, ଉପସଭାପତି ମନୋରଞ୍ଜନ ଦଳାଇ, ଅବସରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ଗୌରାଙ୍ଗ ଚରଣ ରାଉତ, ଜଗନ୍ନାଥ ନୁନ୍ଦୁକା, ରାମଚନ୍ଦ୍ର ବେହେରା, ବୃନ୍ଦାବନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



# ବ୍ଲକସ୍ତରୀୟ ଚଇତି, କୋର୍ କମିଟି ବୈଠକ

**ରାୟଗଡ଼ା,୨।୧୨(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ଲୋକ ମହୋତ୍ସବ ଚଇତି ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ ସୋମବାର ଜିଲାପାଳ ପାରୁଲ ପଟାୱରୀଙ୍କ ନେତୃତ୍ୱରେ ସ୍ଥାନୀୟ ସଦ୍‌ଭାବନା ସଭା ଗୃହରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ନିହାର ରଞ୍ଜନ କହଁର, ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ଅନ୍ୟ ଜିଲାସ୍ତରୀୟ ଅଧିକାରୀ, ଜିଲାର ସମସ୍ତ ବିଡିଓ ଯୋଗଦାନ କରି ଆଲୋଚନା କରିଥିଲେ । ଆସନ୍ତା ୮ତାରିଖରେ ପଦ୍ମପୁର ବ୍ଲକ ଅନ୍ତର୍ଗତ ମରିଚଗୁଡାରେ ଚଇତି ଶୁଭାରମ୍ଭ ଓ ପଦ୍ମପୁର ବ୍ଲକ ଚଇତି ଉଦ୍‌ଘାଟନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ରାମନାଗୁଡ଼ା ବ୍ଲକରେ ଡିସେମ୍ବର ୧୦, ରାୟଗଡା ବ୍ଲକରେ ୧୧, ମୁନିଗୁଡାରେ ୧୨, କୋଲାନାରା ବ୍ଲକରେ ୧୩ , ଚନ୍ଦ୍ରପୁର ବ୍ଲକରେ ୧୪, କାଶୀପୁର ବ୍ଲକରେ ୧୭, ବିଷମ କଟକ ବ୍ଲକରେ ୧୮, କଲ୍ୟାଣୀସିଂପୁରରେ ୧୯, ଗୁଡ଼ାରୀ ବ୍ଲକରେ ୨୦ ଏବଂ ଗୁଣୁପୁର ବ୍ଲକ ଓ ପୌର ପରିଷଦରେ ୨୧ ଓ ୨୨ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ପରେ ବିଭିନ୍ନ ଉପସମିତିରେ ଅଧ୍ୟକ୍ଷ, ସହ ଅଧ୍ୟକ୍ଷ ଓ ଆବାହକଙ୍କ ନେଇ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିସ୍ତୃତ ଭାବରେ ଚଇତି ସମ୍ପର୍କରେ ଆଲୋଚନା କରାଯାଇଥିଲା ।



ଜିଲାସ୍ତରୀୟ ଅଧିକାରୀମାନେ ଚଇତି ପାଳନ ସମ୍ପର୍କରେ ଆଲୋଚନା କରୁଛନ୍ତି।

# ୭୪ ଅଭିଯୋଗ ଶୁଣିଲେ ଜିଲାପାଳ

## ଜାଲଦୋରା ଜଳପ୍ରପାତରେ ଅନୁଧ୍ୟାନ କଲେ

ଦଶମନ୍ତପୁର, ୨।୧୨ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୪ ଅଭିଯୋଗର ଜିଲାପାଳ ଶୁଣାଣି କରିଥିଲେ। ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ସଭାପତିତ୍ୱରେ ବିଡିଓ ମିଳନ କୁମାର ଝାଙ୍କର, ଉପଜିଲାପାଳ ବେଣୁଧର ଶବର, ଜିଲା ଏସ୍‌ପି ରୋହିତ କୁମାର ବର୍ମା, ଆଇପିଏସ୍ ପ୍ରୋବେସନର ଏ.ଶିବ ମାରୁତି ରେଡ୍ଡୀ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଏସ୍‌ଡିପିଓ ଶ୍ରାବଣୀ ନାୟକ, ଅତିରିକ୍ତ ତହସିଲଦାର ଜଗୁ ପୂଜାରୀ, ବ୍ଲକ୍ ଅଧ୍ୟକ୍ଷା ପୂର୍ଣ୍ଣିମା ଜାନି, ବ୍ଲକ ଉପାଧ୍ୟକ୍ଷ ଅରୁଣ କୁମାର ଚେଟି, ସହକାରୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀ, ଗୋଷ୍ଠୀ ଶିକ୍ଷାଧିକାରୀ ଦୟାସିନ୍ଧୁ ବାଘ, ଆର୍‌ଡି ବିଭାଗ କନିଷ୍ଠ ଯନ୍ତ୍ରୀ ଦୁର୍ଗାଚରଣ ମାରାଣ୍ଡିଙ୍କ ସହ ମୃତ୍ତିକା ସଂରକ୍ଷଣ ବିଭାଗ, ପିଆଇଟିଡିଏ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ଓ ପରିମଳ, ଶିଶୁ ବିକାଶ, ପ୍ରାଣୀ ଚିକିତ୍ସା, ମତ୍ସ୍ୟ ବିଭାଗ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ଗିର୍ଲିଗୁମ୍ମା ପଞ୍ଚାୟତ ଅଧୀନ ବାଘ ଲମତିସ୍ଥିତ ଜାଲଦୋରା ଜଳପ୍ରପାତର ବିକାଶ ପାଇଁ ଜିଲାପାଳ ଅନୁଧ୍ୟାନ କରି ଏହି ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ ଏବଂ ସୌନ୍ଦର୍ଯ୍ୟକରଣ କରାଯିବା ନେଇ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଶିବିରରେ ୩୧ ବ୍ୟକ୍ତିଗତ ଓ ୪୩ ସାମୂହିକ ଅଭିଯୋଗ ଥିବା ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବ୍ଲକ୍‌ରେ ମେଗା ପ୍ରକଳ୍ପକୁ ଖୁବ୍‌ଶୀଘ୍ର ଶେଷ କରାଯିବା ନେଇ ଜିଲାପାଳ ବ୍ଲକ୍‌ବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଆଇଡିଏସ୍ ତଥା ଶିଶୁ ଯତ୍ନ କେନ୍ଦ୍ର ଜିଲାପାଳ ପରିଦର୍ଶନ କରି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ଥାନା ଅଧିକାରୀ ସୁକୁମା ହାଁସଦା ଏବଂ ପୋଲିସ ଟିମ୍‌କୁ ମୁତୟନ କରିଥିଲେ।



ଶିବିରରେ ଉପସ୍ଥିତ ଜିଲାପାଳ ଭି.କୀର୍ତ୍ତି ଭାସନ ଓ ଅନ୍ୟମାନେ।

## ସଂକ୍ଷେପରେ

### ସରକାରୀ ଜମି ଦେବାକୁ ଦାବି

#### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଜୟପୁର, ୨।୧୨ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ଏକମ୍ବାରେ ପଞ୍ଚାୟତ ସ୍ତରିୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ମନୋଜ ନାୟକ, ଜିପିଡିଓ ଭାଗିରଥି ନାୟକ, ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣୀ ପଣ୍ଡା, ଏପିଓ ସନ୍ତୋଷି ମହାପାତ୍ର, ସରପଞ୍ଚ ମୋତି ସୁଣ୍ଡା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଅଧିକାରୀମାନଙ୍କୁ ସମସ୍ୟା ଜଣାଇଥିଲେ। ଗ୍ରାମରେ ଖେଳ ପଡିଆ କରିବା, ବିକାଶମୂଳକ କାର୍ଯ୍ୟ ପାଇଁ ସରକାରୀ ଜମି ଆବଶ୍ୟକ ଥିବା ନେଇ ଗ୍ରାମବାସୀ ଦାବି କରିଥିଲେ। ରାସ୍ତା ଘାଟ ମରାମତି, ପାନୀୟ ଜଳ ସମସ୍ୟା ସହ ବିଭିନ୍ନ ମୌଳିକ ସମସ୍ୟାର ଶୁଣାଣି ହୋଇଥିଲା।

### ହିନ୍ଦୁ ସମାଜ ବୈଠକ

ଜୟପୁର, ୨।୧୨ (ପବନ ପାଣିଗ୍ରାହୀ)

ଜୟପୁର ଜୈନ ମନ୍ଦିରରେ ହିନ୍ଦୁ ସମାଜ ପକ୍ଷରୁ ଏକ ଜରୁରିକାଳୀନ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୧୪ ସନାତନ ବୋର୍ଡ ଗଠନ କରିବା ପାଇଁ ରଘୁନାଥ ମନ୍ଦିର ସମ୍ମୁଖରେ ଆୟୋଜିତ କାର୍ଯକ୍ରମର ଖର୍ଚ୍ଚ ବିବରଣୀ ଅଲୋଚନା ହୋଇଥିଲା। ହିନ୍ଦୁ ସମାଜର ଆଦାୟ,ଖର୍ଚ୍ଚ ପରିଚାଳନାକୁ ସୁଚାରୁ ରୂପେ କରିବା ପାଇଁ ଜାତୀୟକରଣ ବ୍ୟାଙ୍କରେ ସଞ୍ଚୟ ଖାତା ଖୋଲିବା ନେଇ ସ୍ଥିର ହୋଇଛି। ନିକଟସ୍ଥ ଗ୍ରାମଗୁଡିକୁ ଯାଇ ଆଦର୍ଶ ଗ୍ରାମ୍ୟ ଯୋଜନାରେ ସାମିଲ କରିବା, ହିନ୍ଦୁ ସମାଜର ସାଙ୍ଗଠନିକ ସୁଦୃଢ ଏବଂ ଅଭିବୃଦ୍ଧି କରିବା ପାଇଁ ସମସ୍ତ ସଂସ୍ଥା ସଂଗଠନ ସହ ସମ୍ପର୍କ କରି ପ୍ରତ୍ୟେକ ସଂସ୍ଥାରୁ ୨ ଜଣଙ୍କୁ ସାମିଲ କରିବା, ହିନ୍ଦୁ ସମାଜର ବିଚାର ସମର୍ଥନକାରୀଙ୍କୁ ଟ୍ରଷ୍ଟରେ ସାମିଲ କରିବା, ପ୍ରତି ୧୫ ଦିନରେ ଗୋଟିଏ ବୈଠକ ରଖିବା ପାଇଁ ସ୍ଥିର କରିବା ଆଦି ଆଲୋଚନା ହୋଇଥିଲା।

# ବିସ୍ଫୋରକ ସହ ୬ ମାଓବାଦୀ ଗିରଫ

ମାଲକାନଗିରି, ୨।୧୨ (ଦୁର୍ଯ୍ୟୋଧନ ପାତ୍ର)

ବିଜାପୁର ଜିଲାରେ ବିସ୍ଫୋରକ, ମାଓବାଦୀ ସାହିତ୍ୟ ଓ ପ୍ରଚାର ସାମଗ୍ରୀ ସହ ୬ ମାଓବାଦୀଙ୍କୁ ବିଜାପୁର ପୋଲିସ ଗିରଫ କରିଛି। ଏମାନେ ହେଲେ ଲକ୍ଷ୍ମଣ ଦୁଧୀ, ଦେବା ସୋଡ଼ି, ନରସିଙ୍ଗ ସୁଙ୍କର ଓରଫ ନରସିଂହ ଶଙ୍କର, ମୋହେନ ରାଓ ଆଉଲ୍, ନାଗରାଜ ସୁକର ଓ ଗୋପାଲ ସୁକରଙ୍କୁ ଗିରଫ କରିଛନ୍ତି। ଏହି ୬ ଜଣ କାଂକେର ଜିଲା ପୂଜାରୀ ଗ୍ରାମ ନିବାସୀ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବିଜାପୁର ଜିଲା ୨୦୫ କୋବ୍ରା ବାହିନୀ ଓ ୧୯୬ ବାଟାଲିୟନ ସିଆର୍‌ପିଏଫ୍ ବାହିନୀ ମିଳିତଭାବେ ଜିଲାର ଗଲଗମ୍, ନଡ଼ପଲ୍ଲୀ, ଫୁଟାପଲ୍ଲୀ ଅଞ୍ଚଳରେ କୋମ୍ବିଂ ସମୟରେ ଅସୁର ଥାନା ଅଞ୍ଚଳ ଅନ୍ତର୍ଗତ ନଡପଲ୍ଲୀ ଫୁଟାପଲ୍ଲୀ ଜଙ୍ଗଲରେ ପୋଲିସ ୬ ମାଓବାଦୀଙ୍କୁ ଗିରଫ କରିଥିଲେ। ଏହି ୬ ଜଣଙ୍କ ନିକଟରୁ ବିସ୍ଫୋରକ ସାମଗ୍ରୀ, ମାଓବାଦୀ ସାହିତ୍ୟ ଓ ପ୍ରଚାର ସାମଗ୍ରୀ ଜବତ କରାଯାଇଛି। ଏମାନଙ୍କୁ ବିଜାପୁର କୋର୍ଟ ଚାଲାଣ କରାଯାଇଛି।


ଗିରଫ ମାଓବାଦୀ।

# ଶକ୍ତି ସଂରକ୍ଷଣ ନେଇ କୁଇଜ୍ ପ୍ରତିଯୋଗିତା



ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର।

ବୋରିଗୁମ୍ମା, ୨।୧୨ (ବିଜୟ ସାହୁ)

ବୋରିଗୁମ୍ମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ପାଣିପାଗ ବିଭାଗ ପକ୍ଷରୁ ବ୍ଲକ୍‌ସ୍ତରୀୟ ଶକ୍ତି ସଂରକ୍ଷଣ ନେଇ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ୨୩ ଉଚ୍ଚ ବିଦ୍ୟାଳୟର ପ୍ରାୟ ୨୧୪ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟାନନ୍ଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତରାଭଟା ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଅଭିଲାଷ ଶତପଥୀ ପ୍ରଥମ, ବିଜାପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱପ୍ନା ମହାନ୍ତି ଦ୍ୱିତୀୟ, ବୋରିଗୁମ୍ମା ଉଚ୍ଚ ବିଦ୍ୟାଳୟର ଛାତ୍ର ସତ୍ୟ ପ୍ରକାଶ ଦତ୍ତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। କୃତୀ ୩ ଛାତ୍ରୀଛାତ୍ର ଜିଲାସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ପ୍ରଧାନଶିକ୍ଷକ ପଟ୍ଟନାୟକ ସୂଚନା ଦେଇଛନ୍ତି। ସରକାରୀ ଉଚ୍ଚ ବିଦ୍ୟାଳୟର ଏବିଇଓ ସୁବାସ ଚନ୍ଦ୍ର ମାଝୀ, ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ, ଘନଶ୍ୟାମ ସାହୁ, ନୃସିଂହ ଚରଣ ନାୟକ, ଶିକ୍ଷୟିତ୍ରୀ ରଜନୀ ପରିଡା, ରାଜେଶ୍ୱରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ୧୬ରୁ ବିଧାନସଭା ଆଗରେ କାଗଜକଳ ଶ୍ରମିକ ସଂଘର ଧାରଣା

ଜୟପୁର, ୨।୧୨ (ପବନ ପାଣିଗ୍ରାହୀ)

କାଗଜକଳକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ, ଶ୍ରମିକଙ୍କ ସମସ୍ୟା ସମାଧାନ ଦାବିରେ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ଲୋଡି ଶ୍ରମିକ ସଂଘ ଓ ଅବସରପ୍ରାପ୍ତ ଶ୍ରମିକମାନେ ୧୬ରୁ ବିଧାନସଭା ଆଗରେ ଧାରଣା ଦେବେ। କାରଖାନା ଜୁଲାଇ ମାସରୁ ବନ୍ଦ ରହିଛି। ମେଶିନ୍ ଓ କଳକବ୍‌ଜାରେ ପ୍ଲାଷ୍ଟିକ୍ ଗୁଡେଇ ରଖୁଥିବାରୁ କିଛି ମାସରେ କାରଖାନା ଚାଲିବାର ସମ୍ଭାବନା ନାହିଁ। ଧାରଣା ସମୟରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଶିଳ୍ପ ଓ ଶ୍ରମମନ୍ତ୍ରୀଙ୍କୁ ଏଆଇଟିୟୁସି ରାଜ୍ୟ ନେତୃବୃନ୍ଦଙ୍କ ସହ ସାକ୍ଷାତକରି ଆଲୋଚନାକରି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଉଦ୍ଦେଶ୍ୟ ରହିଛି। ଜୟପୁର ଜଗନ୍ନାଥ ସାଗର, ନୀଳକଣ୍ଠସାଗର ଓ କାଗଜକଳ ବିଷୟ ନେଇ ବ୍ୟାପକ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ ଶ୍ରମିକ ସଂଘ ସଭାପତି ପ୍ରମୋଦ କୁମାର ମହାନ୍ତି କହିଛନ୍ତି। ବରିଷ୍ଠ ଶ୍ରମିକ ନେତା ବସନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ସର୍ବଶ୍ରୀ ସୁବାସ ବେହେରା, ସରୋଜ ପଣ୍ଡା, ପ୍ରହ୍ଲାଦ ମଲ୍ଲିକ, କେ. ସତ୍ୟନାରାୟଣା ଓ ଅଲେଖ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭେଣ୍ଡିଂ ଜୋନରେ ପ୍ରଶାସନର ଚଢ଼ାଉ

ସୁନାବେଡା/ସେମିଳିଗୁଡା, ୨।୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡା ସାପ୍ତାହିକ ହାଟ ବସୁଥିବା ଭେଣ୍ଡିଂ ଜୋନ୍‌ରେ ପୌର ଓ ଜିଲା ପ୍ରଶାସନ ପକ୍ଷରୁ ରବିବାର ମିଳିତ ଚଢ଼ାଉ କରାଯାଇଛି। ଏଠାରେ ଗ୍ରାମାଞ୍ଚଳରୁ ବହୁ ଚାଷୀ ପନିପରିବା ସହ ବିଭିନ୍ନ ସାମଗ୍ରୀ ବିକିବା ପାଇଁ ଆସିଥାନ୍ତି। କିନ୍ତୁ ପାଖରେ ଯାଇଥିବା ୨୬ ନଂ ଜାତୀୟ ରାଜପଥ କଡରେ ବସି ବ୍ୟବସାୟ କରୁଥିବାରୁ ରାସ୍ତା ଅବରୋଧ ହେବା ସହ ଟ୍ରାଫିକ ସମସ୍ୟା ଦେଖା ଦେଉଥିବା ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ରାସ୍ତା କଡ଼ରେ ବସି ବ୍ୟବସାୟ କରୁଥିବା ସମସ୍ତ ବ୍ୟବସାୟୀଙ୍କୁ ଉଠାଇବା ସହ ଭେଣ୍ଡିଂଜୋନ୍ ପରିସର ପିଣ୍ଡିରେ ବସି ବ୍ୟବସାୟ କରିବାକୁ କଡା ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଅବମାନନା କରାଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନି ଦିଆଯାଇଛି। ଏଥିସହ ରାସ୍ତା କଡରେ ଅବୈଧ ପାର୍କିଂ କରିଥିବା ଗାଡ଼ି ମାଲିକଙ୍କୁ ତାଗିଦ କରାଯାଇଛି। ଏଥିରେ ସେମିଳିଗୁଡା ତହସିଲଦାର ଦେବବ୍ରତ କରାଡେ, ସୁନାବେଡା ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ଅତିରିକ୍ତ ନିର୍ବାହୀ ଅଧିକାରୀ ବି. ବିଭୁଦତ, ସୁନାବେଡା ଥାନା ଅଧିକାରିଣୀ ସୁଷମା କୁହଁରଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଓ ପୌର ପରିଷଦର ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।


ଭେଣ୍ଡିଂ ଜୋନରେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଉଛି।

# ନାଲ୍‌କୋ ଖଣି ଅଞ୍ଚଳରେ ଟିପ୍ପର ଓଲଟି ଚାଳକ ଆହତ


ସୋମବାର ଅପରାହ୍ନରେ ନାଲ୍‌କୋ ଖଣି ଅଞ୍ଚଳରେ ଓଲଟିଥିବା ଟିପ୍ପର।

ଦାମନଯୋଡ଼ି, ୨।୧୨ (ମାନସ ରଞ୍ଜନ କର)

ଦାମନଯୋଡ଼ି ନାଲ୍‌କୋ ଖଣି ଅଞ୍ଚଳରେ ଟିପ୍ପର ଓଲଟି ଚାଳକ ଆହତ ହୋଇଛନ୍ତି। ଚାଳକ ନେପାଳ ବିଷୋୟୀ ଗୁରୁତର ହୋଇଥିବା ବେଳେ ତାଙ୍କୁ ନାଲକୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘନ କୁହୁଡି ଯୋଗୁ ଏପରି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ନାଲକୋ ମାଇନ୍ସର ସିବି-୨ ଅଞ୍ଚଳରୁ ଟିପ୍ପରରେ ବକ୍ସାଇଟ ଲୋଡ କରି କ୍ରଶର ହାଉସକୁ ଅନଲୋଡିଂ କରିବାକୁ ଆସୁଥିବା ବେଳେ କୁହୁଡି ଯୋଗୁ ଭାରସାମ୍ୟ ହରାଇ ଟିପ୍ପର କ୍ରଶର ହାଉସ ନିକଟରେ ଓଲଟି ପଡିଥିଲା। ଫଳରେ ନେପାଳ ଗୁରୁତର ହୋଇଥିଲେ। ଏହି ଖଣି ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ଏକ ଟିପ୍ପର ଓଲଟି ପଡି ଚାଳକ ସୁବୁ ସାଉନ୍ତା ଆହତ ହୋଇଥିଲେ। ଶୀତଦିନ ଯୋଗୁ ନାଲ୍‌କୋ ଖଣି ଅଞ୍ଚଳରେ ରାତିଦିନ ଘନ କୁହୁଡି ଲାଗି ରହିଥିବାରୁ ବକ୍ସାଇଟ ପରିବହନ କ୍ଷେତ୍ରରେ ଚାଳକମାନଙ୍କୁ ଗାଡି ଚଲାଇବାରେ ସମସ୍ୟା ଦେଖାଦେଉଛି। ବିଭାଗୀୟ ଅଧିକାରୀ ଓ ନାଲକୋ ସୁରକ୍ଷା ବିଭାଗ ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହୋଇଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଲକ୍ଷ୍ମୀପୁର, ୨।୧୨ (ଅନନ୍ତ ନାୟକ)

ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ଥାନା କୁଡ଼ିପଦର୍ ଛକ ନିକଟ ୩୨୬ ନଂ ଜାତୀୟ ରାଜପଥରେ ସୋମବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଓଡ଼ିଆ ପେଣ୍ଟ ପଞ୍ଚାୟତର ଖଇରଗୁଡ଼ା ଗ୍ରାମର ଅଖି କଟେକାଙ୍କ ପୁଅ ନାରାୟଣ କଟେକା(୩୦)। କାକିରିଗୁମା ପୋଲିସ ଏସଆଇ ଜ୍ୟୋତି ଶବର, ଏଏସ୍‌ଆଇ ଜିତେନ୍ଦ୍ର କୁମାର ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବାଇକ୍ ଜବତ କରିଛନ୍ତି। ନାରାୟଣ କାକିରିଗୁମା ସାପ୍ତାହିକ ହାଟକୁ ଆସି ହିରହୋଣ୍ଡା (ଓଡ-୧୦ ଡବ୍ଲ୍ୟୁ-୯୦୮୯) ଯୋଗେ ଘରକୁ ଫେରୁଥିଲେ। ସେହି ସମୟରେ ଅଜଣା ଗାଡ଼ି ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ଏନେଇ ପରିବାର ପକ୍ଷରୁ କୌଣସି ମାମଲା ରୁଜୁ କରାଯାଇ ନ ଥିବା ଜଣାପଡ଼ିଛି।

## ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ଜୟପୁର, ୨।୧୨ (ପବନ ପାଣିଗ୍ରାହୀ)

ମହିଳାଙ୍କୁ ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ଏନେଇ ନବରଙ୍ଗପୁର ଜିଲା ଡେନ୍ଦୁଲିଖୁଣ୍ଟି ଥାନା ଅଞ୍ଚଳର କାଦର ଖାନ୍‌ଙ୍କ ନାମରେ ମାମଲା ରୁଜୁ କରି ମହିଳା ପୋଲିସ ତଦନ୍ତ ଆରମ୍ଭ କରିଛି।

# ଗ୍ରୀନ୍ ପ୍ଲାଏଉଡ୍ କାରଖାନା ସ୍ଥାପନ ଲିଜ୍‌କୁ ବାତିଲ ଦାବି

## ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

କୋରାପୁଟ, ୨।୧୨ (ଅମିତାଭ ବେହେରା)

କୋରାପୁଟ ଜିଲା ଅନ୍ତର୍ଗତ ସେମିଳିଗୁଡା ତହସିଲ ରାଣୀକଣା ଏବଂ ଲୁଙ୍ଗରି ମୌଜାରେ ଅବସ୍ଥିତ ବେରନମାଳା(ଡୁଙ୍ଗରି)ରେ ଗ୍ରୀନ ପ୍ଲାଏଉଡ୍ କାରାଖାନା ସ୍ଥାପନ ନେଇ ଦିଆଯାଇଥିବା ଲିଜ୍‌କୁ ବାତିଲ କରିବା ପାଇଁ ଉକ୍ତ ଦୁଇ ମୌଜାର ଗ୍ରାମବାସୀ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାର ସେମିଳିଗୁଡା ୨ ମୌଜାର ପ୍ରାୟ ୯୦ ପ୍ରତିଶତ ଗ୍ରାମବାସୀ କୃଷି ଉପରେ ଜୀବିକା ନିର୍ବାହ କରୁଥିବା ବେଳେ ଏହି ଅଞ୍ଚଳର ବେରନମାଳା ଡୁଙ୍ଗୁରିରେ ଏକ ଗ୍ରୀନ ପ୍ଲାଏଉଡ୍ କମ୍ପାନୀ କରିବା ପାଇଁ ନଭେମ୍ବର ୨୮ରେ ଭୂମି ପୂଜା କରାଯାଇଥିଲା। ଉକ୍ତ ଚାଷ ଭୂମି ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ହାରାହାରି ହିତାଧିକାରୀଙ୍କୁ ଜମି ଦେଇ କାଜୁ ଗଛ ପଟ୍ଟା ୨୦୦୫ ଫେବୃଆରୀ ୧୫ରେ ଦିଆଯାଇଛି। ଅଞ୍ଚଳବାସୀ ଏହି ଡୁଙ୍ଗୁରି ଉପରେ ନିର୍ଭର କରି ଜୀବନଜୀବିକା କରୁଛନ୍ତି। ଅଞ୍ଚଳବାସୀଙ୍କ ହାତରୁ କାଛ ଗଛ ପଟ୍ଟା ଛଡାଇ ଗୋଟିଏ କମ୍ପାନୀକୁ ଅଧିକାର ଦିଆଯାଉଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ଅଞ୍ଚଳର ଜଳ, ବାୟୁ, ମାଟି ଓ ପରିବେଶ ଦୂଷିତ ହେବା ବୋଲି ଅଭିଯୋଗ କରି ଲଶସୁ ହନ୍ତାଳ, ମଙ୍ଗୁଟୁ ଜାମୀ, ସୋମାନାଥ କୁଳଦୀପ ଓ ଅନ୍ୟ ଗ୍ରାମବାସୀ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଜୟପୁର, ୨।୧୨ (ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ କଦମଗୁଡାରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ସଦର ଥାନା ଅନ୍ତର୍ଗତ ଏକମ୍ବା ଗ୍ରାମର ତ୍ରିପତି ସୁଣ୍ଡା(୨୬)। ସୂଚନା ଅନୁଯାୟୀ, ତ୍ରିପତି ତାଙ୍କ ଶ୍ୱଶୁର ଘର କଦମଗୁଡା ଗାଁକୁ ଯାଇଥିଲେ। ବହୁ ସମୟ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରି ନିକଟସ୍ଥ ଏକ ଗଛରୁ ତାଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ତ୍ରିପତି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଜୟପୁର ସଦର ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଶିବିରରେ ୫୨ ୟୁନିଟ୍ ରକ୍ତ ସଂଗ୍ରହ

କୋରାପୁଟ, ୨।୧୨ (ଅମିତାଭ ବେହେରା)

କୋରାପୁଟ କାରାଗାର ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ମଣ୍ଡଳ କାରାଗାର ପରିସରରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ କାରାଗାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କଠାରୁ ମୋଟ ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କୋରାପୁଟ ମଣ୍ଡଳ କାରାଗାର ଅଧିକ୍ଷକ କୁଅଁର ମାରାଣ୍ଡି ଯୋଗ ଦେଇ ଶିବିରର ଶୁଭାରମ୍ଭ କରିଥିଲେ। ରକ୍ତଦାନ ହେଉଛି ମହତ ଦାନ, ରକ୍ତ ଦାନ କଲେ ଶରୀର ସୁସ୍ଥ ରହିଥାଏ ବୋଲି ସେ କହିଛନ୍ତି। ଭୂଷଣ ଦାସ, ତାଙ୍କ ପତ୍ନୀ, ଅନ୍ୟ ଅଧିକାରୀ ଓ କର୍ମଚାରୀ ରକ୍ତଦାନ କରିଥିଲେ। ଶିବିରରେ ସହକାରୀ କାରାପାଳ ରଞ୍ଜନ ମଲ୍ଲିକ, କିଶୋର ପାତ୍ର, ମୁଖ୍ୟ କାରାରକ୍ଷୀ ଗଦାଧର ପ୍ରଧାନ ଓ ଗୋବିନ୍ଦ ଶବର ସହ ବହୁ ଅଧିକାରୀ ରକ୍ତଦାନ କରିଥିଲେ। କୋରାପୁଟ ମେଡିକାଲ କଲେଜର ବ୍ଲଡ୍ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ପ୍ରତିଷ୍ଠା ଦିବସ ନେଇ ସପ୍ତାହ ଧରି ମଣ୍ଡଳ କାରାଗାର ପକ୍ଷରୁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ କରାଯିବ ବୋଲି କାରାଗାର ଅଧିକ୍ଷକ ମାରାଣ୍ଡି କହିଛନ୍ତି।


ରକ୍ତଦାନ ଶିବିରରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନେ।

# ହିତାଧିକାରୀ ଚୟନ ପ୍ରକ୍ରିୟା ନେଇ କର୍ମଶାଳା

ଜୟପୁର, ୨।୧୨ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ଅନ୍ତର୍ଗତ ବାଲିଆ, ବାରିଣିପୁଟ୍, ଏକମ୍ବା, ଗଡପଦର, କାଳିଆଗାଁ, କୋଙ୍ଗା ଓ ପୁଜାରିପୁଟ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁର ପାଇଁ ନୂତନ ହିତାଧିକାରୀ ଚୟନ ପ୍ରକ୍ରିୟା ନେଇ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏହି ଯୋଜନାରେ ହିତାଧିକାରୀ ଚୟନ ପଦ୍ଧତିକୁ କୋହଳ କରାଯାଇ ଦୁଇ ଚକିଆ ଯାନ, ଫ୍ରିଜ ଅଥବା ଲ୍ୟାଣ୍ଡଲାଇନ୍ ଫୋନ ଥିବା ପରିବାରକୁ ଅଯୋଗ୍ୟ ବିବେଚନା କରାଯିବ ନାହିଁ। ପରିବାରର ମାସିକ ଆୟ ସୀମା ୧୦ ହଜାରରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ପରିବର୍ତ୍ତିତ ଯୋଗ୍ୟ ହିତାଧିକାରୀ ଚୟନ ପାଇଁ ନୂତନ ସର୍ଭେ ଆରମ୍ଭ ହେବ। କ୍ଷେତ୍ର କର୍ମଚାରୀଙ୍କ ବ୍ୟତୀତ ଚଳିତ ସର୍ଭେରେ ଆଶାୟୀ ପରିବାର ମଧ୍ୟ ନିଜର ସର୍ଭେ ନିଜେ କରିପାରିବେ, ଏହାଦ୍ୱାରା ସର୍ଭେରୁ ବାଦ୍ ପଡିବା ଆଶଙ୍କା ଦୂର ହୋଇପାରିବ ବୋଲି କୁହାଯାଇଛି। ସର୍ଭେ ସମୟରେ ପରିବାର ସଦସ୍ୟଙ୍କ ଆଧାର, ଜବ୍ କାର୍ଡ ଏବଂ ବ୍ୟାଙ୍କ ଜମାଖାତା ପ୍ରସ୍ତୁତ ରଖିବା ଆବଶ୍ୟକ। ବ୍ଲକ କର୍ମଚାରୀ ଗ୍ରାମର ପ୍ରତ୍ୟେକ ସାହିକୁ ଗସ୍ତ କରି ଗୃହ ହୀନ ଏବଂ କଚ୍ଚା ଘରେ ରହୁଥିବା ସମସ୍ତ ପରିବାରକୁ ସର୍ଭେରେ ଅର୍ନ୍ତଭୁକ୍ତ କରିବେ। ପୂର୍ବେ ଏକାନ୍ନବର୍ତ୍ତି ପରିବାରର ସଦସ୍ୟ ମାନେ ପୃଥକ ଭାବେ ବସବାସ କରୁଥିଲେ। ସେମାନଙ୍କୁ ସର୍ଭେରେ ଭିନ୍ନ ପରିବାର ହିସାବରେ ଗ୍ରହଣ କରାଯିବ। ଯୋଗ୍ୟ ଭିନ୍ନକ୍ଷମ ସଦସ୍ୟ, ତୃତୀୟ ଲିଙ୍ଗ, ବିଧବା, ନିରାଶ୍ରୟ ଏବଂ ମୁକ୍ତଗୋଟି ଶ୍ରମିକ ପରିବାରଙ୍କ କ୍ଷେତ୍ରରେ ତାଲିକା ଭୁକ୍ତ କରିଯିବ ବୋଲି ବ୍ଲକ୍ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପରିବାରର ମହିଳା ମୁଖ୍ୟଙ୍କୁ ହିଁ କେବଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଭାବେ ପରିଗଣିତ ହେବେ, ସର୍ଭେ ଆରମ୍ଭ ହେବାର ଏକ ମାସ ପରେ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ଓ ହିତାଧିକାରୀଙ୍କ ଦ୍ୱାରା ପଞ୍ଜୀକୃତ ହୋଇଥିବା ପରିବାରଙ୍କ ନାମ, ଗ୍ରାମ ଓ ପଞ୍ଚାୟତ କାଯ୍ୟାଳରେ ପ୍ରଦର୍ଶନ କରାଯିବ। ସର୍ଭେ ଶେଷ ହେବା ପରେ ପଞ୍ଜୀକୃତ ହୋଇଥିବା ହିତାଧିକାରୀ ତାଲିକାକୁ ପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ଓ ଗ୍ରାମର ପ୍ରମୁଖ ସ୍ଥାନରେ ଜନସାଧାରଣଙ୍କ ଅବଗତି ପାଇଁ ପ୍ରଦର୍ଶନ କରାଯିବ ବୋଲି କୁହାଯାଇଛି।

# ଜିଲାପାଳଙ୍କ ନିର୍ଦ୍ଦେଶକୁ ସିଡିପିଓଙ୍କ ଅବମାନନା ଅଭିଯୋଗ

ସୁନାବେଡା, ୨।୧୨ (କୃତ୍ତିବାସ ପ୍ରଧାନ)

୧୫ ଦିନରୁ ଅଧିକ ବିତିଥିଲେ ସୁଦ୍ଧା ସୁନାବେଡା ଆଇସିଡିଏସ୍ କାର୍ଯ୍ୟାଳୟ ନୂତନ ଗୃହକୁ ସ୍ଥାନାନ୍ତର ପାଇଁ ଜିଲାପାଳ ଦେଇଥିବା ନିର୍ଦ୍ଦେଶକୁ ସିଡିପିଓ ମାନୁ ନ ଥିବା ଅଭିଯୋଗ ହୋଇଛି। ନଭେମ୍ବର ୧୪ରେ ଜିଲାପାଳ ଭି.କିର୍ତ୍ତୀଭାସନ ଆଇସିଡିଏସ୍ ବିଭାଗ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ପ୍ରାୟ ୨୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଦୁଇ ମହଲା ବିଶିଷ୍ଟ ଏକ ନୂତନ ଆଇସିଡିଏସ୍ କାର୍ଯ୍ୟାଳୟ ନିର୍ମାଣ କରାଯାଇଛି। ଏହାକୁ ନିର୍ମାଣକାରୀ ସଂସ୍ଥା ୨୦୨୧ରେ ବିଭାଗକୁ ହସ୍ତାନ୍ତର କରିଥିଲା। କିନ୍ତୁ ସିଡିପିଓ ନଳିନୀ ବେହେରା ପୁରୁଣା କାର୍ଯ୍ୟାଳୟ ଛାଡୁ ନ ଥିବା ଏବଂ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା ଜଣାପଡ଼ିଛି। ଜିଲାପାଳ ନୂତନ ଗୃହ ଦେଖିବା ପରେ ଯୁଦ୍ଧକାଳୀନ ଭିତ୍ତିରେ ବାକି ଥିବା ଆନୁସଙ୍ଗିକ କାମସାରି ଅଫିସ୍ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ତରବରିଆ ଭାବେ ନୂତନ ଗୃହ ପୂଜା କରି ସିଡିପିଓ ପୁଣି ଚୁପ୍ ବସିଛନ୍ତି। ଏନେଇ ସୁନାବେଡା ସିଡିପିଓ ବେହେରାଙ୍କ ପ୍ରତିକ୍ରିୟା ନେବାକୁ ମୋବାଇଲ ନଂ ୮୨୪୯୬୪୨୬୬୪କୁ ବାରମ୍ବାର ଯୋଗାଯୋଗ କରିବାରୁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ। ପରେ ଡିଏସ୍‌ଡବ୍ଲ୍ୟୁଓ ପୁଷ୍ପାଞ୍ଜଳି ପଟ୍ଟନାୟକଙ୍କୁ ପଚାରିବାରୁ ସିଡିପିଓଙ୍କ ସହ ଆଲୋଚନା କରି ନୂତନ କାର୍ଯ୍ୟାଳୟ ଖୋଲିବା ବ୍ୟବସ୍ଥା କରିବେ ବୋଲି କହିଥିଲେ। ସୁନାବେଡା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ସଫେଇ ସହ ଆଲୋକୀକରଣ କାମ ସରିଛି। ଏଥିସହ ଅଫିସ ଚାରିପାଖ ମଧ୍ୟ ସଫା କରିଦିଆଯାଇଛି। ବାକି ବାଉଣ୍ଡ୍ରି ୱାଲ୍ କାମ ପାଇଁ ବିଡିଓଙ୍କ ଜରିଆରେ ପ୍ରକ୍ରିୟା ଆରମ୍ଭ ହୋଇଛି ଖୁବଶୀଘ୍ର ସେ କାମ ମଧ୍ୟ ହୋଇଯିବ। ଅଫିସ ଖୋଲିବା ଦାୟିତ୍ୱ ସିଡିପିଓଙ୍କର ସେ ସମ୍ପର୍କରେ ସିଡିପିଓ ହିଁ କହିପାରିବେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଏଠାରେ ଥିବା ପୁରୁଣା ଅଫିସ୍ ଭାଙ୍ଗି ଯାଇଥିବା ସତ୍ତ୍ୱେ କାର୍ଯ୍ୟାଳୟ ନୂଆ କୋଠାକୁ କାହିଁକି ସ୍ଥାନାନ୍ତର ହେଉନାହିଁ ବୋଲି ଜିଲାପାଳଙ୍କ ଆଇସିଡିଏସ୍ କାର୍ଯ୍ୟାଳୟ ପରିଦର୍ଶନ ସମୟରେ ଖବରଦାତାମାନେ ତାଙ୍କୁ ପ୍ରଶ୍ନ କରିଥିଲେ।



ବନ୍ଦ ଥିବା ନୂତନ ଗୃହ।

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ଯୁବକ ଗୁରୁତର

ପାପଡ଼ାହାଣ୍ଡି, ୨।୧୨ (ସ୍ୱପ୍ନଜିତ ପଟ୍ଟନାୟକ)

ମହୁମାଛି ଆକ୍ରମଣରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଲର ବଳରାମ ଗୁହାଳ ଗୁରୁତର ହୋଇଛନ୍ତି। ତାଙ୍କୁ ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କ ଚିକିତ୍ସା ଚାଲିଛି। ସୂଚନାନୁଯାୟୀ ବଳରାମ ଚର୍ଚ୍ଚ ନିକଟରେ ଠିଆ ହୋଇ କାମ ଦେଖୁଥିବାବେଳେ ହଠାତ ମହୁମାଛି ଆସି ତାଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ଶକ୍ତି ସଂରକ୍ଷଣ ଦିବସ ପାଳିତ

ତେନ୍ତୁଲିଖୁଣ୍ଟି, ୨।୧୨ (ଚିଦାନନ୍ଦ ସାହୁ)

ସେଣ୍ଟର ଫର ଏନଭେରମେଣ୍ଟାଲ ଷ୍ଟଡିଜ (ସିଇଏସ୍ ) ଭୁବନେଶ୍ୱର, ଓଡ଼ିଶା, ଆନୁକୂଲ୍ୟରେ ତେନ୍ତୁଲିଖୁଣ୍ଟିସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଛି। ବ୍ଲକସ୍ତରୀୟ ଲିଖିତ କୁଇଜ ପ୍ରତିଯୋଗିତାରେ ବ୍ଲକ ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୧୮୭ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଶ୍ରୀକାନ୍ତ ପଟ୍ଟନାୟକ ପ୍ରଥମ, ଅଷ୍ଟମ ଶ୍ରେଣୀ ଛାତ୍ରୀ ରୁଚିତା ଶତପଥୀ ଦ୍ୱିତୀୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଲକଡ଼ିପଲାର ନବମ ଶ୍ରେଣୀ ଛାତ୍ରୀ ସୁଚିସ୍ମିତା ପଟ୍ଟନାୟକ ତୃତୀୟ ହୋଇଥିଲେ। ସେମାନେ ୧୨ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ଲିଖିତ କୁଇଜ ପ୍ରତିଯୋଗିତାରେ ଭାଗ ନେବେ। ବାପୁଜୀ ଉଚ୍ଚ ବିଦ୍ୟାଳୟ ତେନ୍ତୁଲିଖୁଣ୍ଟିର ପ୍ରଧାନ ଶିକ୍ଷକ ଉମରସିଂ ନାୟକ ଓ ସହକାରୀ ଶିକ୍ଷକ ଆନନ୍ଦ କୁମାର ଭତ୍ରା ପ୍ରତିଯୋଗିତା ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଲିଙ୍ଗରାଜ ମାଝୀ, ନୀଳମାଧବ ଦାସ, ଧରିତ୍ରୀ ଓରାମ, ମମତା ରାଣୀ ସେଠି, ଲିପି ପାତ୍ର ଏବଂ ଗୋପୀନାଥ ଷଡ଼ଙ୍ଗୀ ପରୀକ୍ଷା ନିରୀକ୍ଷକ ଭାବରେ ନିୟୋଜିତ ଥିଲେ।

### ଶଟର ତାଲା ଭାଙ୍ଗି ଦୋକାନରୁ ଚୋରି



ପାପଡ଼ାହାଣ୍ଡି, ୨।୧୨ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସଦର ଉମରକୋଟ ରାସ୍ତାର ଟୁରୀ ନଦୀ ପୋଲ ନିକଟରେ ଥିବା କେ.ଆରି ବାଲଗନଙ୍କ କିରାନା ଦୋକାନ ସଟର ଭାଙ୍ଗି ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ସେ ଏତଲା ଦେବା ପରେ ଥାନାଧିକାରୀ ଦୀପକ କୁମାର ଜେନା ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାନୁଯାୟୀ ଆରି ବାଲଗନଙ୍କ ହୋଲସେଲ କିରାନା ଦୋକାନରୁ ଦୁର୍ବୃତ୍ତମାନେ ନଗଦ ୨ ହଜାର ଟଙ୍କା ସହ ବହୁ ଜିନିଷ ଚୋରି କରି ନେଇଯାଇଛନ୍ତି। ଏଥିସହ କ୍ୟାସ କାଉଣ୍ଟରରେ ନିଆଁ ଲଗାଇ ଦେଇଥିଲେ। ସୋମବାର ସକାଳୁ ଦୋକାନ ମାଲିକ ଘଟଣା ସମ୍ପର୍କରେ ଅବଗତ ହୋଇ ପୋଲିସକୁ ଜଣାଇଥିଲେ।

# ନୂତନ ପ୍ରଜାତି ମାଛ ଇନ୍ଦ୍ରାବତୀ ପାଇଁ ସମ୍ଭାବନା

- ମହାସିର ପ୍ରଜାତିର ମାଛ ଆବିଷ୍କାର କଲେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗବେଷକ
- କୃତ୍ରିମ ପ୍ରଜନନ, ଗବେଷଣା ପାଇଁ କ୍ଷେତ୍ର ପ୍ରତିଷ୍ଠା ଦାବି

ତେନ୍ତୁଲିଖୁଣ୍ଟି, ୨।୧୨ (ଚିଦାନନ୍ଦ ସାହୁ)

କିଛିଦିନ ତଳେ ନବରଙ୍ଗପୁର ଜିଲା ଇନ୍ଦ୍ରାବତୀରୁ ଦୁଇଟି ମହାସିର (ଥାଟରଟର, ଟର୍‌ପୁଡ଼ିଟରା) ପ୍ରଜାତି ମାଛର ସନ୍ଧାନ ମିଳିଛି। ଏହି ମାଛ ପ୍ରଜାତି ସାୟପ୍ରୀୟନ୍ ପରିବାରର। ଯାହାର ଶରୀର ଓ କାତି ବଡ଼ ଆକାରର। ଏହାକୁ ଭାରତୀୟ ନଦୀର ରାଜା କୁହାଯାଏ। ପୃଥିବୀରେ ୨୦ଟି ବୃହତ୍ ମାଛ ମଧ୍ୟରେ ମହାସିର ଅନ୍ତର୍ଭୁକ୍ତ। ଏମାନଙ୍କ ପରିସ୍ଥାନ ଦ୍ରୁତ ପ୍ରବାହିତ, ଶୀତଳ, ସ୍ୱଚ୍ଛ, ପଥୁରିଆ କଙ୍କର୍ଯୁକ୍ତ ଚଟାଣ ଥିବା ପାହାଡିଆନଦୀ। ଇନ୍ଦ୍ରାବତୀ ଜଳ ଭଣ୍ଡାର ୧୧୦ କିଲୋମିଟରରେ ପରିବ୍ୟାପ୍ତ। ଏଠାରେ ନୂତନ ଦୁଇଟି ପ୍ରଜାତିର ମାଛ ଆବିଷ୍କୃତ ହେବା ସୂଚିତ କରୁଛି ମାଛ ଗବେଷଣା ଓ ମାଛ ଚାଷ ପାଇଁ ପ୍ରକୃଷ୍ଟ ଭିତ୍ତିଭୂମୀ। ଏହାର ଫାଇଦା ନିଆଗଲେ ଅଞ୍ଚଳବାସୀ, ମାଛ ଉପରେ ଗବେଷଣା କରୁଥିବା ବୈଜ୍ଞାନିକ, ମାଛ ଉତ୍ପାଦନ ବୃଦ୍ଧି ଘଟି ଆର୍ଥିକ ଅଭିବୃଦ୍ଧି ହେବ।

ସୂଚନାନୁଯାୟୀ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ଡିନ୍ ଶରତ କୁମାର ପାଲିତଙ୍କ ନେତୃତ୍ୱ ରେ ପିଏଚ୍‌ଡି ଗବେଷକ ଆଲୋକ କୁମାର ନାୟକ ଓ ଅନିର୍ବାଣ ମହତ ମହାସିର ମାଛ ଉପରେ ଗବେଷଣା କରି ଏହାକୁ ଆବିସ୍କାର କରିଥିଲେ। ଇନ୍ଦ୍ରାବତୀ ଅବବାହିକାରେ ଆବିଷ୍କୃତ ମାଛ କୁ ଇନ୍ଦ୍ରାବତୀ ସହ ଜଡ଼ିତ ନାମ ଦେବା ଉଚିତ୍ ବୋଲି ବୁଦ୍ଧିଜୀବୀ ନାରାୟଣ ପାତ୍ର ମତ ଦେଇଛନ୍ତି। ପ୍ରଫେସର ପାଲିତାଙ୍କ କହିବାନୁଯାୟୀ ମହାସିର ପ୍ରଜାତିର ଜେନେଟିକ ବିଶ୍ଳେଷଣ ଶେଷ ହେବାକୁ ଯାଉଥିବାରୁ ଏମାନଙ୍କ ସଂରକ୍ଷଣ ଓ କୃତ୍ରିମ ପ୍ରଜନନ ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ଟରପୁଡ଼ିଟୋରାର ଆବିଷ୍କାର କେବଳ ଦକ୍ଷିଣ ଓଡ଼ିଶା ପାଇଁ ନୁହଁ ସମଗ୍ର ଭାରତର ଗୋଦାବରୀ ନଦୀ ଅବବାହିକା ପାଇଁ ଏକ ନୂତନ ରେକର୍ଡ। ଭାରତରେ ବର୍ତ୍ତମାନ ୯ ପ୍ରଜାତିର ଟରଟର ବାସ କରୁଥିବା ବେଳେ ଓଡ଼ିଶାରେ ଚାରି ପ୍ରଜାତି (ଟରଟର, ଟର ମହାନଦୀ କସ୍, ଟର ପୁଟିଟୋରା , ଟର କ୍ଷୁଦ୍ରି ମହାସିର ଦେଖା ଯାଆନ୍ତି। କିନ୍ତୁ ଉକ୍ତ ପ୍ରଜାତିର ପରିସ୍ଥାନ ଦ୍ରୁତ ପ୍ରବାହିତ ପାହାଡ଼ିଆ ନଦୀ ହୋଇଥିବାବେଳେ ବର୍ତ୍ତମାନ ଡ୍ୟାମ ହୋଇ ସାରିଥିବାରୁ ସ୍ଥିର ଜଳରେ ଉକ୍ତ ପ୍ରଜାତି ସଂଘର୍ଷ କରି ବଞ୍ଚିଛି। ଲୁପ୍ତ ହେବା ପୂର୍ବରୁ କୃତ୍ରିମ ପ୍ରଜଜନ କେନ୍ଦ୍ର କରି ମତ୍ସ୍ୟ ଉତ୍ପାଦନରେ ଦକ୍ଷିଣ ଓଡ଼ିଶା ନାମ ବୃଦ୍ଧି କରିବାକୁ ଦାବି ହେଉଛି।

# ୭୧ ହିତାଧିକାରୀଙ୍କୁ ଜଙ୍ଗଲ ଜମିପଟ୍ଟା



ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ, ଲୋକ ପ୍ରତିନିଧି, ଅଧିକାରୀ ଓ ହିତାଧିକାରୀମାନେ।

ଡାବୁଗାଁ, ୨।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବୋରିଗାଁ ଓ ଜୁନାପାଣି ପଞ୍ଚାୟତରେ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି। ଉଭୟ ପଞ୍ଚାୟତରେ ଆୟୋଜିତ ସଭାରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏଥିରେ ବୋରିଗାଁରୁ ୫୧ ଓ ଜୁନାପାଣିରୁ ୨୦ ହିତାଧିକାରୀ ପଟ୍ଟା ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ, ବ୍ଲକ ଉପାଧ୍ୟକ୍ଷ ସଦନାଦ ନାୟକ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ଡାବୁଗାଁ ତହସିଲଦାର ହରିଓମ ଭୋଇ, ବିଡିଓ ଶରତ ମାଝି, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ବିଜେଡି ବରିଷ୍ଠ ନେତା ଏମ୍. ଆପ୍ପା ରାଓ, ବୋରିଗାଁ ସରପଞ୍ଚ ଶୁକ୍ରୁ ଭତ୍ରା, ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ଘୋଡାଖୁଣ୍ଟା ରାଜସ୍ୱ ନୀରିକ୍ଷକ ଗଙ୍ଗାଧର ମହାକୁଡ଼, ଜୁନାପାଣି ରାଜସ୍ୱ ନୀରିକ୍ଷକ କେ. ମଦାଳସା, ତହସିଲ କର୍ମଚାରୀ ଏବଂ ହିତାଧିକାରୀମାନେ ଉପସ୍ଥିତ ଥିଲେ।

# ୪୬ ଅଭିଯୋଗର ଶୁଣାଣି, ୨୯୪ଙ୍କୁ ସହାୟତା



ଅଧିକାରୀଙ୍କ ସହ ସହାୟତା ପାଇଥିବା ହିତାଧିକାରୀ।

ନବରଙ୍ଗପୁର,୨।୧୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲାପାଳ ଶୁଭଙ୍କର ମହାପାତ୍ର ଏସ୍‌ପି ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ସିଡିଓ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୪୬ ଆବେଦନକାରୀ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଜିଲା ଶ୍ରମ ବିଭାଗ ପକ୍ଷରୁ ଶ୍ରମିକ କଲ୍ୟାଣ ସହାୟତା ଯୋଜନାରେ ୧,୨୮,୭୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ୭୫ ଜଣଙ୍କୁ ବିବାହ ସହାୟତା ୩୭,୫୦ହଜାର, ୩୭ ଜଣଙ୍କୁ ମାତୃ ସହାୟତା ପାଇଁ ୩,୭୦ହଜାର, ୧୦୪ ଜଣଙ୍କୁ ଶିକ୍ଷା ପାଇଁ ୫,୫୦ହଜାର ଟଙ୍କା, ୪୦ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ପାଇଁ ୮୦ଲକ୍ଷ, ୩୮ ଜଣଙ୍କୁ ଅନ୍ତେଷ୍ଟିକ୍ରୀୟା ସହାୟତା ପାଇଁ ୧,୯୦ ହଜାର ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିଲା।

### ୨୮୦୦ ହେକ୍ଟର ଜମିରେ ବୁଟ ଚାଷ ଲକ୍ଷ୍ୟ

କୋଷାଗୁମୁଡ଼ା, ୨।୧୨ (ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୃଷି ପରାମର୍ଶ କେନ୍ଦ୍ର ପକ୍ଷରୁ କୋଡିଙ୍ଗା ପଞ୍ଚାୟତର ନୂଆଗୁଡା, ଆଟିଗାଁର ଡଙ୍ଗାବସା ଓ ତାରାଗାଁ ପଞ୍ଚାୟତ ଚାଷୀମାନଙ୍କୁ ବୁଟ ବିହନ ବଣ୍ଟନ କରାଯାଇଥିଲା । ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ବ୍ଲକର ୨୮୦୦ ହେକ୍ଟର ଜମିରେ ବୁଟ ଚାଷ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମର ଗୋଷ୍ଠୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନି, କୃଷି ଅଧିଦର୍ଶକ ସର୍ବେଶ ପତି, ଗ୍ରାମ୍ୟ କୃଷି କର୍ମଚାରୀ ଅଜୟ କୁମାର ଯୋଗ ଦେଇଥିଲେ । ଗୋଷ୍ଠୀ ସଂଯୋଜକ ଦିନେଶ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଜ୍ୟସ୍ତରୀୟ ଉତ୍ସାହ କାର୍ଯ୍ୟକ୍ରମ ନବରଙ୍ଗପୁର ଜିଲା ପ୍ରତିଯୋଗୀଙ୍କ ସଫଳତା

ନବରଙ୍ଗପୁର, ୨।୧୨ (ସଦାଶିବ ପ୍ରହରାଜ)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସାହ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାର ପ୍ରତିଯୋଗୀଙ୍କୁ ଅନେକ ସଫଳତା ମିଳିଛି। ତେନ୍ତୁଲିଖୁଣ୍ଟି ବ୍ଲକ କବାଗୁଡ଼ା ଗ୍ରାମରେ ଥିବା ଉତ୍କଳ ମାରାଥମା ଶିଶୁ ଗୃହର ଛାତ୍ରୀ ରୀତିକା ସୁନା ପ୍ରଥମ ହୋଇଛନ୍ତି। ସେହିଭଳି ନବରଙ୍ଗପୁର ୟୁନିଟ୍- ୨ ମାଝୀଗୁଡ଼ାସ୍ଥିତ ଉତ୍କଳ ବାଳାଶ୍ରମ ଶିଶୁ ଗୃହର ଛାତ୍ରୀ ଈପ୍ସିତା ସୁନା, କେଶରୀଗୁଡ଼ା ସେନାପତି ସାହିର ଚମ୍ପା ଜାନି, ରାଣୀ ମିର୍ଗାନ, ମାହୁଲି, ମଇନି ଜାନି ରିଲେ ଦୌଡ଼ରେ ତୃତୀୟ ହୋଇଛନ୍ତି। ସେହିଭଳି ଉମରକୋଟସ୍ଥିତ ବ୍ଲେସିଂ ଶିଶୁ ଗୃହର ଛାତ୍ରୀ କଳ୍ପନା ମାରାଣ୍ଡି ଜିଲା ନିୟୋଜନ ଅଧିକାରୀ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହଯୋଗରେ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଅଧ୍ୟୟନ କଲା ପରେ ଏବେ କଟକସ୍ଥିତ ଗ୍ରୀନ୍ ଟ୍ରେଣ୍ଡ ନାମକ ଅନ୍ତର୍ଜାତୀୟ ବିୟୁଟି ପାର୍ଲରରେ କାର୍ଯ୍ୟ କରୁଛନ୍ତି। ଏହି କୃତିତ୍ୱ ପାଇଁ କାର୍ଯ୍ୟକ୍ରମରେ ତାଙ୍କୁ ପୁରସ୍କୃତ କରାଯାଇଛି। କୃତୀ ପ୍ରତିଯୋଗୀଙ୍କୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ଏବଂ ଜିଲାପାଳ ଶୁଭଙ୍କର ମହାପାତ୍ର ଶୁଭେଚ୍ଛା ଜଣାଇଥିଲେ ।

# ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ଉମରକୋଟ, ୨।୧୨ (ସନ୍ତୋଷ ଶତପଥୀ)




କାର୍ଯ୍ୟକ୍ରମରେ ଉପସ୍ଥିତ କୃଷି ବିଜ୍ଞାନୀ ଓ ଅନ୍ୟମାନେ।

ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୃଷି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରଶାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଶଶାଙ୍କ ଲେଙ୍କା ବାର୍ଷିକ ବିବରଣୀ ପାଠ, ଆଗାମୀ ବର୍ଷର କାର୍ଯ୍ୟଖସଡ଼ା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଓୟୁଏଟି କୃଷି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରସନ୍ନଜିତ ମିଶ୍ର, ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅଟାରୀ କଲିକତାର ପ୍ରଧାନ ବୈଜ୍ଞାନିକ ଡ. ଅଭିଜିତ ହାଲ୍‌ଦାର ଆଭାସି ମାଧ୍ୟମରେ ଯୋଗଦେଇଥିଲେ। ଓୟୁଏଟି କୃଷି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ଡ. ଅମିତ୍ ଫଙ୍ଗଲଶା, ସେମିଳିଗୁଡ଼ା କୃଷି ଗବେଷଣା କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଗବେଷଣା ଡ. ପର୍ଶୁରାମ ସିୟାଲ, ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରଧର ମିଶ୍ର, କେବିକେ ମାଲକାନଗିରି ମୁଖ୍ୟ ବୈଜ୍ଞାନିକ ଡ. ଦେବୀପ୍ରସାଦ ଦାସ , କେବିକେ କୋରାପୁଟ ମୁଖ୍ୟ ବୈଜ୍ଞାନିକ ଡ. ବିଶ୍ୱନାଥ ସାହୁ, ନବରଙ୍ଗପୁର ଲିଡ୍ ବ୍ୟାଙ୍କ୍ ମ୍ୟାନେଜର ଗୋପାଳ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ତ୍ରୈମାସିକ କୃଷିଭିତ୍ତିକ ସମାଚାର ପତ୍ରିକା ସବୁଜ ସାଥୀ, ବର୍ଷାଦିନିଆ ପିଆଜ ଚାଷ, ବୈଜ୍ଞାନିକ ପଦ୍ଧତିରେ ସୁଗନ୍ଧିତ ଧାନ ଚାଷ, ଛତୁଚାଷ ଆଦି ଉପାଦେୟ ପୁସ୍ତକ ଉନ୍ମୋଚନ ହୋଇଥିଲା। ବୈଠକରେ କୃଷି ବିଜ୍ଞାନ କେନ୍ଦ୍ର ବିଶେଷଜ୍ଞ ରୁଦ୍ରପ୍ରସନ୍ନ ମହାଳିକ, ବୀଣାପାଣି ତରିଆ, କୃଷି ଯନ୍ତ୍ରପାତି ଇଂ. ସ୍ୱାଗତିକା ମଲ୍ଲିକ ଉନ୍ନତ ମାନର ବିହନ ଅମଳ ସହ ରୋଗ ପୋକ ନିୟନ୍ତ୍ରଣ ପରିଚାଳନା, ମାଣ୍ଡିଆ ଚାଷ ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା କରିଥିଲେ। ରତିରଞ୍ଜନ ବେହେରା ଓ ବିନୁ ବିନାୟକ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ବୈଜ୍ଞାନିକ ପରିତୋଷ ମୁର୍ମୁ ଧନ୍ୟବାଦ ଦେଇଥିଲେ।

# ବଢ଼ୁଛି କୁହୁଡ଼ି, ଶୀତର ମଜା ନେଉଛନ୍ତି ଲୋକେ



ନବରଙ୍ଗପୁର ଜିଲା ଝରିଗାଁ ସହରରେ ସୋମବାର ସକାଳ ୯ଟାରେ ଘନ କୁହୁଡ଼ି।

ଝରିଗାଁ, ୨।୧୨ (କିଶୋର ଚନ୍ଦ୍ର ମଣ୍ଡଳ)

ଚଳିତ ବର୍ଷ ବିଳମ୍ବରେ ଶୀତ ଆସିଥିଲେ ମଧ୍ୟ ଘନ କୁହୁଡ଼ି ସହ ଶୀତର ଲହରି ଦେଖାଦେଇଛି। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍‌ରେ ୩ଦିନ ସକାଳ ୯ଟା ପର୍ଯ୍ୟନ୍ତ କୁହୁଡ଼ି ପଡୁଛି। ଯାନବାହନ ଚଳାଚଳରେ ବାଧା ହେଉଛି। ଗାଡ଼ି ଚାଳକମାନେ ଲାଇଟ୍ ଜାଳି ଯାତାୟାତ କରୁଛନ୍ତି। ସକାଳୁ ସକାଳୁ ଲୋକେ ଶୀତର ମଜା ନେବା ପାଇଁ ମର୍ନିଂ ୱାକ୍ କରୁଛନ୍ତି। ଚା'ଦୋକାନରେ ଭିଡ଼ ଲାଗୁଛି। ବିଭିନ୍ନ ସ୍ଥାନରେ ଲୋକେ ନିଆଁ ଜାଳି ଶୀତର ମଜା ନେଉଛନ୍ତି। ଶୀତ ପାଇଁ ସନ୍ଧ୍ୟା ସମୟରେ ଲୋକେ ଘରୁ ଆସୁ ନ ଥିବାରୁ ଦୋକାନ ବଜାର ବିକ୍ରି ଉପରେ ପ୍ରଭାବ ପକାଉଛି। ଏ ବର୍ଷ କିନ୍ତୁ ଶୀତ ପାଇଁ ପୂର୍ବ ବର୍ଷ ଅପେକ୍ଷା କମ୍ବଳ ବ୍ୟବସାୟ ଅଧିକ ହେଉଥିବା ବାହାର ରାଜ୍ୟରୁ ଆସିଥିବା ବୁଲା ବେପାରୀମାନେ କହିଛନ୍ତି।

# ଶୋଭାଯାତ୍ରାରେ ଏଡ୍‌ସ ସଚେତନତା ବାର୍ତ୍ତା



ଡାବୁଗାଁ, ୨।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଇଥିଲେ। ଏଡ୍‌ସ ସଚେତନତା ନାରା ଦେଇ ଡାବୁଗାଁ ସହର ପରିକ୍ରମା କରିଥିଲେ। ବିଦ୍ୟାଳୟ ସଭାଗୃହରେ ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାହାକଙ୍କ ସଭାପତିତ୍ୱରେ ଏକ ସଭା କରାଯାଇଥିଲା। ଅଧ୍ୟାପିକା ଶୁଭଲକ୍ଷ୍ମୀ ଭୂଷଣ ମଞ୍ଚ ପରିଚାଳନା କରିଥିଲେ। ଏଡ୍‌ସ୍ ରୋଗୀ ଙ୍କୁ ଘୃଣା ନକରି ନିଜର ଭାବି ସରଳ ବ୍ୟବହାର କରିବା,ଏଡସ୍ ଛୁଆଁ ରୋଗ ନୁହେଁ, ଡାକ୍ତରଖାନାରେ ଇଞ୍ଜେକସନ୍ ନେବା ବେଳେ ନୂଆ ସିରିଞ୍ଜ ବ୍ୟବହାର, ଚୁଟି ଓ ଦାଢ଼ି କାଟିବା ବେଳେ ରକ୍ତ ଲାଗିଥିବା ବ୍ଲେଡ ଓ କଇଁଚି ପରିଷ୍କାର କରି କିମ୍ବା ନୂତନ ବ୍ଲେଡ ବ୍ୟବହାର କରିବା ଓ ଏଡସ୍ ପ୍ରତି ସଚେତନ ହେବା ଭଳି ଉପାଦେୟ ତଥ୍ୟ ବୁଝାଇଥିଲେ। ଏଡ୍‌ସକୁ ନେଇ ଥିବା କିଛିଭ୍ରାନ୍ତ ଧାରଣା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

# ମଣ୍ଡେଇ ମଞ୍ଚ ନାଟକ ଉତ୍ସବ ଉଦ୍‌ଯାପିତ

**ଶେଷ ଦିନରେ ନାଟକ 'ଅନ୍ଧାର', 'ଜଙ୍ଗଲରୁ ହିଁ ଜୀବନ ମଙ୍ଗଳ' ମଞ୍ଚସ୍ଥ**

ନବରଙ୍ଗପୁର, ୨।୧୨ (ସଦାଶିବ ପ୍ରହରାଜ)

ମଣ୍ଡେଇ ଲୋକ ମୋହତ୍ସବରେ ଚାଲିଥିବା ୪ ଦିନିଆ ମଞ୍ଚ ନାଟକ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଅନ୍ୟତମ ଅତିଥିଭାବେ ବିଡିଓ କପିଳ ଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷ ଦିନରେ ପାପଡ଼ାହାଣ୍ଡି ବ୍ଲକ ପକ୍ଷରୁ ନାଟକ 'ଅନ୍ଧାର' ଓ ଝରିଗାଁ ବ୍ଲକରୁ 'ଜଙ୍ଗଲରୁ ହିଁ ଜୀବନ ମଙ୍ଗଳ' ମଞ୍ଚସ୍ଥ ହୋଇଛି। ଆଲୋକ ଭିତରେ ହିଁ ଲୁଚି ରହିଛି ଅନ୍ଧାର। ଦୁଃଖ ଦୁର୍ଦ୍ଦଶାରେ ନିଜ ପରିବାରକୁ ବଞ୍ଚାଇ, ସାହାସ ଦେବା ପାଇଁ ଏରୁଣ୍ଡି ଡିଏଁ ସୁଦାମଙ୍କ ସ୍ତ୍ରୀ ସରିତା। ସଂଘର୍ଷ ରାସ୍ତାରେ ଚାଲୁ ଚାଲୁ ନରରାକ୍ଷାସଙ୍କ କବଳରେ ତାର ଜୀବନ ଯୌବନରେ ଘୋଟିଆସେ ଅନ୍ଧାର ଆଉ ଅନ୍ଧାର। ଏକ ବିଚ୍ଛିନ୍ନ ପରିବାରକୁ କ'ଣ ମିଳେ ମିଳନ ର ଆଲୋକ ନା ବିଚ୍ଛେଦର ଅନ୍ଧାର। ଏମିତି ଏକ ଦୁଃଦିନରେ ଜଣେ ନିର୍ଭିକ ସାମ୍ବାଦିକର ଭୂମିକା କଣ। ଭିନ୍ନ ଅପେରସନ ନା କିଛି ହାତଗୁଞ୍ଜା ଏହାକୁ ନେଇ ନାଟକ ଅନ୍ଧାର ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ରିନାରଣୀ ସାହୁ, କୈଳାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ନିର୍ଦ୍ଦେଶନା ଦେଇଥିଲେ। କଳାକାର କିଶୋର ବେହେରା, ଶ୍ୟାମ ସୁନ୍ଦରନିଙ୍ଗୀ , ତପନ ରଥ, ଦିଲ୍ଲୀପ ସ୍ୱାଇଁ, ଅରୁଣ ସେଠୀ, ଲିଙ୍ଗରାଜ ସାହୁ, ପ୍ରତିମା ଯାଦବ ଏବଂ ନିତ୍ୟ ପ୍ରକାଶ ନିଙ୍ଗୀ ଅଭିନୟ, ସଙ୍ଗୀତ ପରିଚାଳନାରେ ଶରତ ଚନ୍ଦ୍ର ମାଝୀ, ପ୍ରଶାନ୍ତ ପଣ୍ଡା, ଜଗା ବେହେରା ରହିଥିଲେ। ପାପଡ଼ାହାଣ୍ଡି ବିଡିଓ କପିଳଦେବ ସାହୁ, ଜଗନ୍ନାଥ ବେହେରା ନିହାରିକା ରହିଥିଲେ। ଏହାପରେ ଝରିଗାଁ ବ୍ଲକର ଜଙ୍ଗଲରୁ ହିଁ ଜୀବନ ମଙ୍ଗଳ ନାଟକ ମଞ୍ଚସ୍ଥ ହୋଇଥିଲା।




ନାଟକ ଆନ୍ଧାରର ଏକ ଦୃଶ୍ୟ।

# ବିହନ ନ ପାଇ ତାତିଲେ ଚାଷୀ

ପାପଡ଼ାହାଣ୍ଡି, ୨।୧୨ (ସ୍ୱପ୍ନଜିତ ପଟ୍ଟନାୟକ)



ବିହନ ନ ପାଇଥିବା ଚାଷୀମାନେ ଅଭିଯୋଗ ଜଣାଉଛନ୍ତି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଚାଷୀ ମାନଙ୍କୁ ଚଣା ବିହନ ବଣ୍ଟା ଯାଇଥିଲା। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମାତ୍ର ୧୦ଜଣ ଚାଷୀଙ୍କୁ ବିହନ ଦେବା ପରେ ବଣ୍ଟନ କାର୍ଯ୍ୟ ବନ୍ଦ କରାଯାଇଛି। ଫଳରେ ଅନେକ ଚାଷୀ ବିହନ ପାଇବାରୁ ବଞ୍ଚିତ ରହି ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାନୁଯାୟୀ, ୬୦ କ୍ୱଇଣ୍ଟାଲ ଚଣା ବିହନ ଆସିଥିଲା । ଚାଷୀଙ୍କୁ ଚଣା ବିହନ ବଣ୍ଟନ କରାଯିବା ନେଇ ଆଗୁଆ ସୂଚନା ଦିଆଯାଇଥିଲା । କିନ୍ତୁ ୧୦ ଜଣ ଚାଷୀଙ୍କୁ ବିହନ ଦେଇ କାର୍ଯ୍ୟକ୍ରମ ବନ୍ଦ କରାଯାଇଥିଲା। ଉପସ୍ଥିତ ଚାଷୀମାନେ ସେମାନଙ୍କୁ କାହିଁକି ବିହନ ଦିଆ ଗଲା ନାହିଁ ବୋଲି ପଚାରି ଉତ୍ତେଜନା ଦେଖାଦେଇଛି। ଶୀଘ୍ର ଅନ୍ୟ ଚାଷୀଙ୍କୁ ଚଣା ବଣ୍ଟନ କରାଯାଉ ବୋଲି ଚାଷୀମାନେ ଦାବି କରିଥିଲେ। ଏ ନେଇ ପିଇଓ ତ୍ରିନାଥ ନାୟକଙ୍କୁ ପଚାରିବାରୁ ପିଆରଆଇ ସଭ୍ୟ, କୃଷକ ସାଥୀ ଓ ସ୍ଥାନୀୟ ଏନ୍‌ଜିଓ କର୍ମଚାରୀଙ୍କ ସର୍ଭେ ପରେ ପ୍ରକୃତ ଚାଷୀଙ୍କ ତାଲିକା ହୋଇଛି। ଉକ୍ତ ତାଲିକା ଅନୁଯାୟୀ ଚାଷୀଙ୍କୁ ଏକର ପିଛା ୨୪କେଜି ବିହନ ବଣ୍ଟାଯିବ। ସୋମବାର ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ଦିନରେ ପୁଣି କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି।

